# ଗ୍ରାମୀଣ କୃଷି ମୌସମ ସେବା

## ଭାରତ ପାଣିପାଗ ବିଭାଗ

## ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ

## ଆଞ୍ଚଳିକ ଗବେଷଣା ଓ ବୈଷୟିକ ପ୍ରସାରଣ କେନ୍ଦ୍ର, ଚିପିଲିମା

ସଂଖ୍ୟା -୩୦ (ଓଡ଼ିଆ ବୁଲେଟିନ) ସପ୍ତାହ -୧୫ ତାରିଖ:୧୨.୦୪.୨୦୨୪


## ଝାରସୁଗୁଡା

ଭାରତ ପାଣିପାଗ ବିଜ୍ଞାନ ବିଭାଗ, ମୌସମ ବିଜ୍ଞାନ କେନ୍ଦ୍ର, ଭୁବନେଶ୍ବର ଅନୁଯାୟୀ ଆସନ୍ତା ଦିନଗୁଡ଼ିକରେ ବର୍ଷା ହେବାର ସମ୍ଭାବନା କମ ରହିଅଛି କିନ୍ତୁ ଆସନ୍ତା ସପ୍ତାହର ପ୍ରଥମ ଗୋଟେ ଦିନ କିଛିଟା ସ୍ଥାନରେ ଅତି ସ୍ୱଳ୍ପ ବର୍ଷା ହୋଇପାରେ । ଆସନ୍ତା ଦିନଗୁଡ଼ିକରେ ଆକାଶ ମୁଖ୍ୟତଃ ସଫା ରୁ ସାଧାରଣତଃ ମେଘାଚ୍ଛନ୍ନ ରହିପାରେ। ଆସନ୍ତା ୫ ଦିନ ମଧ୍ୟରେ ସର୍ବୋଚ୍ଚ ତାପମାତ୍ରା ୩୧ ରୁ ୪୨ ଡିଗ୍ରୀ ସେଣ୍ଟିଗ୍ରେଡ ଓ ସର୍ବନିମ୍ନ ତାପମାତ୍ରା ୨୨ ରୁ ୨୫ ଡିଗ୍ରୀ ସେଣ୍ଟିଗ୍ରେଡ ମଧ୍ୟରେ ରହିବାର ସମ୍ଭାବନା ରହିଅଛି। ଆସନ୍ତା ସପ୍ତାହରେ ସର୍ବାଧିକ ଆପେକ୍ଷିକ ଆର୍ଦ୍ରତା ୩୩% ରୁ ୫୦% ଓ ସର୍ବନିମ୍ନ ଆପେକ୍ଷିକ ଆର୍ଦ୍ରତା ୧୮% ରୁ ୨୫% ମଧ୍ୟରେ ରହିବାର ସମ୍ଭାବନା ରହିଅଛି । ଆସନ୍ତା ୫ ଦିନ ମଧ୍ୟରେ ୭ ରୁ ୧୦ କି.ମି. ପ୍ରତି ଘଣ୍ଟା ବେଗରେ ଦକ୍ଷିଣ ପୂର୍ବ ଓ ଦକ୍ଷିଣ ପଶ୍ଚିମ ଦିଗରୁ ପବନ ବହିବାର ସମ୍ଭାବନା ରହିଅଛି।

| ତାରିଖ | 13-04-2024 | 14-04-2024 | 15-04-2024 | 16-04-2024 | 17-04-2024 |
|---|---|---|---|---|---|
| ବୃଷ୍ଟିପାତ (ମିଲି ମିଟର) | 2 | 0 | 0 | 0 | 0 |
| ସର୍ବାଧିକ ତାପମାତ୍ରା (º ସେଣ୍ଟିଗ୍ରେଡ) | 31 | 35 | 38 | 40 | 42 |
| ସର୍ବନିମ୍ନ ତାପମାତ୍ରା (º ସେଣ୍ଟିଗ୍ରେଡ) | 22 | 22 | 23 | 23 | 25 |
| ସମ୍ପୂର୍ଣ ମେଘ ଆବରଣ(ଓକଟା) | 6 | 3 | 2 | 1 | 1 |
| ସର୍ବାଧିକ ଆପେକ୍ଷିକ ଆଦ୍ରତା (ଶତକଡା %) | 50 | 46 | 39 | 33 | 35 |
| ସର୍ବନିମ୍ନ ଆପେକ୍ଷିକ ଆଦ୍ରତା (ଶତକଡା %) | 25 | 23 | 22 | 21 | 18 |
| ପବନ ବେଗ (କିମି/ଘଣ୍ଟା ପ୍ରତି) | 9 | 10 | 8 | 7 | 7 |
| ପବନ ଦିଗ (ଡିଗ୍ରୀ) | 202 | 252 | 245 | 165 | 120 |

ଅଧିକ ଜାଣିବା ପାଇଁ , ଭାରତୀୟ ପାଣିପାଗ ବିଭାଗ , ଭୁବନେଶ୍ୱର, ଟେଲିଫୋନ # ୦୬୭୪-୨୫୯୬୧୧୬ ରେ ଯୋଗାଯୋଗ କରନ୍ତୁ

## ସାଧାରଣ ଉପଦେଶ

- ଆସନ୍ତା ସପ୍ତାହର ପ୍ରଥମ ଗୋଟେ ଦିନ ପରେ ବର୍ଷା ହେବାର ସମ୍ଭାବନା କମ ଅଛି ଏବଂ ଆଗକୁ ତାପମାତ୍ରାରେ ବୃଦ୍ଧି ମଧ୍ୟ ଦେଖାଯାଇପାରେ ତେଣୁ ଚାଷୀ ଭାଇମାନଙ୍କୁ କ୍ଷେତରେ ଔଷଧର ପ୍ରୟୋଗ ତଥା ଜଳସେଚନ କାର୍ଯ୍ୟ ତଦନୁଯାୟୀ କରିବାକୁ ପରାମର୍ଶ ଦିଆଯାଇଅଛି।
- କ୍ଷେତରେ ଥିବା ଫସଲରେ ଆବଶ୍ୟକତା ଅନୁଯାଇ ନିୟମିତ ଜଳସେଚନର ପ୍ରବନ୍ଧ କରନ୍ତୁ , ଜଳସେଚନ କାର୍ଯ୍ୟ ସକାଳ କିମ୍ବା ସନ୍ଧ୍ୟା ସମୟରେ ହିଁ କରନ୍ତୁ , ସିଞ୍ଚନ ପ୍ରଣାଳୀରେ ଜଳସେଚନ ଅଧିକ ଲାଭପ୍ରଦ ହୋଇଥାଏ ।
- ଆଗକୁ ତାପମାତ୍ରାରେ ବୃଦ୍ଧି ହେବାର ସମ୍ଭାବନାକୁ ଧ୍ୟାନରେ ରଖି ଫଳ ଓ ପନିପରିବା କ୍ଷେତରେ ପଲିଥିନ, ପୁଆଳ କିମ୍ବା ଅନ୍ୟ ଫସଲ ଅବଶେଷକୁ ଆବରଣ ଭାବରେ ପ୍ରୟୋଗ କରିପାରିବେ କାରଣ ଏହା ଦ୍ୱାରା ମାଟିର ଆର୍ଦ୍ରତା ସହିତ ତାପମାତ୍ରା ମଧ୍ୟ ନିୟନ୍ତ୍ରଣ ରହିଥାଏ।
- ପଶୁମାନଙ୍କୁ ଝାଞ୍ଜି ଖରାରୁ ବଂଚାଇବା ପାଇଁ ଛାଇଁରେ ରଖିବାର ବ୍ୟବସ୍ଥା କରନ୍ତୁଏବଂ ଦିପହର ସମୟରେ କାମ କରାନ୍ତୁ ନାହିଁ ।
- ପୂର୍ବ ଦିନଗୁଡ଼ିକରେ ପାଣିପାଗର ଯେଉଁ ସ୍ଥିତି ଥିଲା ତାହା ଆଗକୁ ଫସଲରେ ବିଭିନ୍ନ ପ୍ରକାରର ପୋକ ଏବଂ ରୋଗର ସଂକ୍ରମଣ କୁ ବଢାଇପାରେ ତେଣୁ ଏହାର ନିୟମିତ ନିରୀକ୍ଷଣ କରିବାକୁ ପରାମର୍ଶ ଦିଆଯାଇଅଛି ।

## ପାଣିପାଗ ଭିତ୍ତିକ କୃଷି ଏବଂ ପଶୁପାଳନ ଉପଦେଶ

| ଫସଲର ନାମ | ଫସଲ ଅବସ୍ଥା | କୃଷି ଏବଂ ପଶୁପାଳନ ପାଇଁ ପାଣିପାଗ ଭିତ୍ତିକ ପରାମର୍ଶ |
|---|---|---|
| ଡାଲୁଆ ଧାନ | କେଣ୍ଡା ବାହାରିବା / ଫୁଲ ଅବସ୍ଥା | ପୂର୍ବ ଦିନଗୁଡ଼ିକରେ ହୋଇଥିବା ବର୍ଷାକୁ ଧ୍ୟାନରେ ରଖି ଧାନ କ୍ଷେତରୁ ଅତ୍ୟଧିକ ଜଳର ନିଷ୍କାସନ ପାଇଁ ବ୍ୟବସ୍ଥା କରିବାକୁ ପରାମର୍ଶ ଦିଆଯାଉଛି । ଧାନ ଗଛରେ କାଣ୍ଡ ବିନ୍ଧା ପୋକର ଉପଦ୍ରବ ଦେଖାଗଲେ ଏହାର ନିୟନ୍ତ୍ରଣ ପାଇଁ କ୍ଲୋରାନଟ୍ରାନିଲିପ୍ରୋଲ ୧୮.୫ ଏସ.ସି. @ ୦.୩ ମିଲିକୁ ପ୍ରତି ଲିଟର ପାଣିରେ ମିଶାଇ ଶୁଷ୍କ ପାଗରେ ପ୍ରୋୟୋଗ |

| | | |
|---|---|---|
| | | କରିବାକୁ ପରାମର୍ଶ ଦିଆଯାଇଅଛି । ଜୀବାଣୁଜନିତ ପତ୍ର ପୋଡ଼ା ରୋଗର ନିୟନ୍ତ୍ରଣ ପାଇଁ, କୃଷକ ଭାଇ ପ୍ଲାଣ୍ଟୋମାଇସିନ୍ @ ୧ ଗ୍ରାମ / ଲିଟର ପାଣି ପ୍ରତି ଏକର ପ୍ରତି ୨୦୦ ଲିଟର ପାଣି କିମ୍ବା ଷ୍ଟ୍ରେପ୍ଟୋସାଇକ୍ଲିନ୍ (୧୫୦ ମିଲି ଗ୍ରାମ) ସହିତ ୧ ଗ୍ରାମ କପର ଅକ୍ସିକ୍ଲୋରାଇଡକୁ ପ୍ରତି ଲିଟର ପାଣିରେ ମିଶାଇ ୮ ଦିନ ବ୍ୟବଧାନରେ ଦୁଇଥର ସିଞ୍ଚନ କରିବା ଉଚିତ। |
| ମୁଗ(ଖରା ଦିନିଆ) | ଫୁଲ ଓ ଫଳ ଧରିବା ଅବସ୍ଥା | ପୁର୍ବ ସପ୍ତାହରେ ହୋଇଥିବା ବର୍ଷା ଯୋଗୁଁ ଯଦି କ୍ଷେତରେ ପାଣି ଜମା ରୁହେ ତାହାହେଲେ ଏହାର ନିଷ୍କାସନର ବ୍ୟବସ୍ଥା କରିବାକୁ ପରାମର୍ଶ ଦିଆଯାଉଅଛି । ମୁଗ କ୍ଷେତରେ ଜଉ ପୋକ ଲାଗିବାର ଦେଖାଗଲେ ଏହାର ନିୟନ୍ତ୍ରଣ ପାଇଁ ୦.୩ ମିଲି ଇମିଡାକ୍ଲୋରୋପ୍ରିଡ଼ କିମ୍ବା ୦.୩ ଗ୍ରାମ ଥାଇ ଓମିଥୋକ୍ସାମକୁ ପ୍ରତି ଲିଟର ପାଣିରେ ମିଶାଇ ଶୁଷ୍କ ପାଗକୁ ଦେଖି ଖେତରେ ପ୍ରୟୋଗ କରନ୍ତୁ । ଯଦି ମୁଗ କ୍ଷେତରେ ଫଳ ଧରିବା ସମୟରେ ଫଳ ଛେଦକ କିମ୍ବା ଫଳ ବିନ୍ଧା ପୋକର ପ୍ରକୋପ ଦେଖାଯାଏ ତା'ହେଲେ ଏହାର ନିୟନ୍ତ୍ରଣ ପାଇଁ ୦.୩ ମିଲି କ୍ଲୋରାନଟ୍ରାନିଲିପ୍ରୋଲ ୧୮.୫ ଏସ.ସି. କିମ୍ବା ୦.୪ ଗ୍ରାମ ଇମାମେକଟିନ୍ ବେନଯୋଏଡ଼କୁ ପ୍ରତି ଲିଟର ପାଣିରେ ମିଶାଇ ଶୁଷ୍କ ପାଗକୁ ଦେଖି କ୍ଷେତରେ ସିଞ୍ଚନ କରନ୍ତୁ । |
| ମକା | ପୁଷ୍ପ ଅବସ୍ଥା | ମକା ଗଛରେ ସାରର ପ୍ରୟୋଗ କାର୍ଯ୍ୟ ମାଟିରେ ଥିବା ଉପଯୁକ୍ତ ଆର୍ଦ୍ରତାକୁ ଦେଖି କରନ୍ତୁ । ମକା ଗଛରେ କାଣ୍ଡ ବିନ୍ଧା ପୋକର ନିୟନିନ୍ତ୍ରଣ ପାଇଁ ଫିପ୍ରୋନିଲ ୫% ଏସ.ସି. କିମ୍ବା ପ୍ରୋପେନୋଫସ ୫୦% ଇ.ସି. @ ୨ ମିଲିକୁ ପ୍ରତି ଲିଟର ପାଣିରେ ମିଶାଇ ଏବଂ ଫଲ ଆର୍ମି ୱର୍ମ କୀଟର ନିୟନ୍ତ୍ରଣ ପାଇଁ ପ୍ରତି ଲିଟର ପାଣିରେ ୦.୪ ଗ୍ରା. ଇମାମେକଟିନ୍ଟିନ ବେନଜୋଏଟ୍ କୁ ମିଶାଇ ଶୁଷ୍କ ପାଗ କ୍ଷେତରେ ସିଞ୍ଚନ କରନ୍ତୁ । |
| ଚିନାବାଦାମ | ପୁଷ୍ପ, କିଳା (peg) ଓ ଫଳ ବାହାରିବା ଅବସ୍ଥା | ଚିନାବାଦାମ ଗଛରେ ଫୁଲ ଅବସ୍ଥାରେ ଏକର ପ୍ରତି ୨୦୦ କିଲୋଗ୍ରାମ ହିସାବରେ ଜିପସମର ସାରର ପ୍ରୟୋଗ ମାଟିରେ ଗଛ ପାଖରେ ବର୍ଷା ଛାଡ଼ିଲା ପରେ ଉପଯୁକ୍ତ ଆର୍ଦ୍ରତାକୁ ଦେଖି କରାଯାଇପାରିବ କାରଣ ଏହା ପେଗ ଏବଂ ବିକସିତ ଫଳ କ୍ୟାଲସିୟମର ଦ୍ୱାରା ଉପଯୋଗ ହୋଇଥାଏ। |
| ଆମ୍ବ | ଫଳ ଅବସ୍ଥା | ଆମ୍ବ ଗଛରେ ଆମ୍ବ ହପରକୁ ନିୟନ୍ତ୍ରଣ କରିବା ପାଇଁ ୧ ଗ୍ରାମ୍ ଏସିଫେଟ କିମ୍ବା ୦.୫ ମିଲି କ୍ଲୋରୋପାଇରିଫସ୍ କିମ୍ବା ୦.୩ ରୁ ୦.୪ ଗ୍ରାମ ଥାଇଓମିଥୋକ୍ସାମକୁ ପ୍ରତି ଲିଟର ପାଣିରେ ମିଶାଇ ଏବଂ ଧଳା ପାଉଡରର ସ୍ତର ଲାଗି ରହିଲା ପରି ରୋଗର ଲକ୍ଷଣ ଦେଖାଗଲେ ଏହାର ନିୟନ୍ତ୍ରଣ ପାଇଁ ୨ ଗ୍ରାମ ଦ୍ରବୀଭୂତ ସଲଫରକୁ ପ୍ରତି ଲିଟର ପାଣିରେ ମିଶାଇ ଆକାଶ ସଫା ଥିବା ସମୟରେ ଗଛରେ ପ୍ରୟୋଗ କରନ୍ତୁ । ଆମ୍ବ ଗଛରେ ଯଦି ଫଳ ମଟର ଦାନା ଆକାରର ହୋଇଯାଇଛି ସେଥିରେ ଫଳ ଝଡିବା କମ କରିବା ପାଇଁ ପ୍ଲାନୋଫିକ୍ସ @ ୧ ମିଲି ପ୍ରତି ୪.୫ ଲିଟର ପାଣି ହିସାବରେ ପ୍ରୟୋଗ କରିପାରିବେ । ହରମୋନ ଏବଂ କୀଟମରା ଔଷଧର ପ୍ରୟୋଗ ଏକା ସମୟରେ କରନ୍ତୁ ନାହିଁ ଓ ଏହାର ସିଞ୍ଚନରେ ଗୋଟେ ସପ୍ତାହର ବ୍ୟବଧାନ ରଖନ୍ତୁ । ପୁର୍ବ ଦିନଗୁଡ଼ିକରେ ହୋଇଥିବା ବର୍ଷା ଯୋଗୁଁ ଯଦି ଗଛ ମୂଳରେ ପାଣି ଜମା ରୁହେ ତାହାହେଲେ ଅଧିକ ଜଳର ନିଷ୍କାସନର ବ୍ୟବସ୍ଥା କରିବାକୁ ପରାମର୍ଶ ଦିଆଯାଉଅଛି । |
| ପନିପରିବା | ବନସ୍ପତି ବିକାସ, ଫୁଲ ଓ ଫଳ ଅବସ୍ଥା | ପୁର୍ବ ଦିନଗୁଡ଼ିକରେ ହୋଇଥିବା ବର୍ଷାର ସ୍ଥିତିକୁ ଧ୍ୟାନରେ ରଖି ଜଳସେଚନ କାର୍ଯ୍ୟରେ ସାବଧାନତା ଅବଲମ୍ବନ କରନ୍ତୁ ଏବଂ ଜଳ ଜମା ନ ହେବ ପାଇଁ ଜଳ ନିଷ୍କାସନର ବ୍ୟବସ୍ଥା କରନ୍ତୁ । ଯଦି ବାଇଗଣ, ଭେଣ୍ଡି ଏବଂ ଟମାଟର ଗଛରେ ପତ୍ରଖିଆ ସମ୍ବାଲୁଆ ଏବଂ କାଣ୍ଡ ଓ ଫଲବିନ୍ଧା ପୋକର ଆକ୍ରମଣ ଦେଖାଯାଏ ତାହେଲେ ୦.୪ ଗ୍ରାମ ଇମାମେକଟିନ୍ ବେନଯୋଏଡ଼କୁ ପ୍ରତି ଲିଟର ପାଣିରେ ମିଶାଇ ଶୁଷ୍କ ପାଗକୁ ଦେଖି ଗଛରେ ପ୍ରୟୋଗ କରନ୍ତୁ । ପିଆଜ ଗଛ ରେ ବାଇଗଣି ଦାଗ କିମ୍ବା ପର୍ପଲ ବ୍ଲୋଟ୍ଚ ର ନିୟନ୍ତ୍ରଣ ପାଇଁ ଟେବୁକୋନାଜୋଲ ୫୦% + ଟ୍ରାଇଫ୍ଲୋକ୍ସିଷ୍ଟ୍ରୋବିନ ୨୫% @ ୦.୪ ଗ୍ରାମ କୁ ପ୍ରତି ଲିଟର ପାଣି ସହିତ ମିଶାଇ ସିଞ୍ଚନ କରନ୍ତୁ । ଉକୁଣିଆ ପୋକର ପ୍ରକୋପରୁ ଗଛକୁ ରକ୍ଷା କରିବା ପାଇଁ ୦.୩ ମିଲି ଇମିଡାକ୍ଲୋରୋପ୍ରିଡ଼ କିମ୍ବା ୦.୩ ଗ୍ରାମ ଥାଇଓମିଥୋକ୍ସାମ କୁ ପ୍ରତି ଲିଟର ପାଣି କିମ୍ବା ୧ ଗ୍ରାମ ଏସିଟାମିପ୍ରିଡ ୨୦ ପ୍ରତିଶତ ଇ.ସି. କୁ ୪ ଲିଟର ପାଣିରେ ମିଶାଇ ଗଛରେ ପ୍ରୟୋଗ କରନ୍ତୁ। |
| ଗାଈ ଓ ମଇଷି | ଆଗକୁ ତାପମାତ୍ରାରେ ବୃଦ୍ଧି ଦେଖାଯିବାର ସମ୍ଭାବନାକୁ ଧ୍ୟାନରେ ରଖି ପଶୁମାନଙ୍କୁ ଗରମରୁ ରକ୍ଷା କରିବା ପାଇଁ ତାଙ୍କୁ ନିୟମିତ ତାଜା ସ୍ୱ ଚ୍ଛ ଥଣ୍ଡା ପାନୀୟ ଜଳ ଯୋଗେଇବାର ବ୍ୟବସ୍ଥା କରନ୍ତୁ ଏବଂ ଆଗକୁ ଝାଞ୍ଜି ପବନ ବହିବାର ସମ୍ଭାବନା ଅଛି ତେଣୁ ଜଳର ପରିମାଣ ବଢାଇବା ସହିତ ସେମାନଙ୍କୁ ସବୁଜ ଘାସ, ପୁଷ୍ଟିସାର-ଚର୍ବି ଜାତୀୟ ଖାଦ୍ୟ, ମିଶ୍ରିତ ଖଣିଜ ଲବଣ ଏବଂ ଲୁଣ ଖାଇବାକୁ ଦିଅନ୍ତୁ । ସେମାନଙ୍କୁ ଛାଇ ରେ ରଖନ୍ତୁ ଓ ସକାଳ ୧୧ ଟା ରୁ ସନ୍ଧ୍ୟା ୪ ଟା ମଧ୍ୟରେ ଚରାଇବାକୁ ବାହା ରକୁ ଛାଡନ୍ତୁ ନାହିଁ । ଗୁହାଳର ତଳପଟରେ ପୁଆଲ କିମ୍ବା ଧଳା ପେନ୍ଟ କିମ୍ବା ପ୍ଲାଷ୍ଟରର ବ୍ୟବସ୍ଥା କରନ୍ତୁ କାରଣ ଏହା ଦ୍ୱା ରା ତାପମାତ୍ରା ନିୟନ୍ତ୍ରଣ ହୋଇଥାଏ । ପଶୁମାନଙ୍କୁ ଜଳ ଦ୍ୱାରା ପାଇପ ସାହାଯ୍ୟରେ ଗାଧାନ୍ତୁ କିମ୍ବା ଜଳ ଭଣ୍ଡାର ଯେପରିକି ପୋଖରୀ ଇତ୍ୟାଦିରେ କିଛି ସମୟ ପାଇଁ ଛାଡି ଦିଅନ୍ତୁ ଯେପରିକି ସେମାଙ୍କ ଶରୀରର ତାପମାତ୍ରା କମିଯିବ । | |

| Ms. Jubuli Sahu<br>Junior Agrometeorologist,<br>AMFU, RRTTS, Chiplima | Dr. Sanjukta Mohapatra<br>ADR cum Nodal Officer<br>RRTTS, Chiplima |
|---|---|


---

- କୃଷି ରେ ଉତ୍ତମ ଲାଭ ପାଇଁ, **OUAT KALINGA** ପ୍ରଡକ୍ଟସ (ବିହନ, ଚାରା ରୋପଣ ଓ କ୍ୟୁପିଏମ୍, ଟିସୁ କଲଚର ପ୍ଲାଣ୍ଟ, ଫଳ ଓ ପନିପରିବା, ମୂଲ୍ୟଯୁକ୍ତ ଉତ୍ପାଦ, ଫିଙ୍ଗରଲିଙ୍ଗ୍/ଇୟରଲିଙ୍ଗ୍, କୁକୁଡ଼ା ଛୁଆ, ମହୁମାଛି ଓ ସ୍କୋନ୍, ଜୈବ ସାର, ଜୈବ କୀଟନାଶକ, ଜିଆ ଏବଂ ଜିଆ ଖତ ଇତ୍ୟାଦି) ବ୍ୟବହାର କରନ୍ତୁ।
- ଭାରତ ପାଣିପାଗ ବିଭାଗ ର ପାଣିପାଗ ପୂର୍ବାନୁମାନ ଏବଂ ଓଡ଼ିଶା ସ୍ଥିତିର କୃଷି ପାଣିପାଗ ପରାମର୍ଶଦାତା ପାଇଁ ମେଘଦୂତ ମୋବାଇଲ ଆପ (https://play.gooogle.com/store/apps/details?id=com.aas.meghdoot) ତଥା ନିଜ ଅଞ୍ଚଳର ବିଜୁଳି କିମ୍ବା ବଜ୍ରପାତ ପୂର୍ବାନୁମାନ ପାଇଁ ଦାମିନୀ ଆପ (https://play.google.com/store/apps/details?id=com.lightening.live.damini) ର ବ୍ୟବହାର କରିପାରିବେ।